# NATIONAL NEWS BULLETIN (ODIA)

**12 September - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ବେସାମରିକ ବିମାନ ଚଳାଚଳ ସମ୍ପର୍କିତ ଦ୍ୱିତୀୟ ଏସିଆ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ମନ୍ତ୍ରିସ୍ତରୀୟ ସମ୍ମିଳନୀକୁ ସମ୍ବୋଧିତ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାର ଚତୁର୍ଥ ପର୍ଯ୍ୟାୟରେ ୨୫ହଜାର ଗ୍ରାମକୁ ସଂଯୋଗ କରିବ ନୂତନ ରାସ୍ତା, ସୃଷ୍ଟି ହେବ ୪୦ କୋଟିରୁ ଅଧିକ କାର୍ଯ୍ୟଦିବସ ।

- ଆନ୍ତର୍ଜାତିକ ଯୁଦ୍ଧାଭ୍ୟାସ ତରଙ୍ଗ ଶକ୍ତିରେ ଦେଶର ସୈନ୍ୟ କ୍ଷମତା ପ୍ରଦର୍ଶନ ନିରୀକ୍ଷଣ କଲେ ପ୍ରତିରକ୍ଷାମନ୍ତ୍ରୀ ।

ଏବଂ

- ଦେଶର ଅଧିକାଂଶ ଭାଗରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗର ପୂର୍ବାନୁମାନ ।

# ପି.ଏମ୍.-ଏସିଆ-ପାସିଫିକ୍ କନ୍‌ଫରେନ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ବେସାମରିକ ବିମାନ ଚଳାଚଳ ସମ୍ପର୍କିତ ଦ୍ୱିତୀୟ ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ମନ୍ତ୍ରିସ୍ତରୀୟ ସମ୍ମିଳନୀକୁ ସମ୍ବୋଧିତ କରିବେ । ସମସ୍ତ ସଦସ୍ୟ ରାଷ୍ଟ୍ରଙ୍କଦ୍ୱାରା ଗ୍ରହଣ କରାଯାଇଥିବା ଦିଲ୍ଲୀ ଘୋଷଣା ପତ୍ର ସମ୍ପର୍କରେ ପ୍ରଧାନମନ୍ତ୍ରୀ ଏହି ସମ୍ମିଳନୀରେ ଘୋଷଣା କରିବେ । ବିମାନ ଚଳାଚଳ କ୍ଷେତ୍ରକୁ ଏକ ନୂତନ ଶିଖରରେ ପହାଇଞ୍ଚିବା ଦିଗରେ ଏହି ଘୋଷଣା ପତ୍ର ଏକ ଦୂରଦୃଷ୍ଟିସମ୍ପନ୍ନ ରୋଡ୍‌ମ୍ୟାପ୍ ଭାବେ କାର୍ଯ୍ୟ କରିବ ।

ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ ଗତକାଲି ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ । ଶ୍ରୀ ନାଇଡୁ ବର୍ତ୍ତମାନ ଏହି ମନ୍ତ୍ରିସ୍ତରୀୟ ସମ୍ମିଳନୀର ଅଧ୍ୟକ୍ଷ ରୂପେ ନିର୍ବାଚିତ ହୋଇଛନ୍ତି । ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ବିମାନ ଚଳାଚଳ କ୍ଷେତ୍ରର ମୌଳିକଢାଞ୍ଚାର ବିକାଶ ଲାଗି ରଣନୈତିକ ପୁଞ୍ଜିନିବେଶ ଉପରେ ଶ୍ରୀ ନାଇଡୁ ନିଜ ଅଭିଭାଷଣରେ ଗୁରୁତ୍ୱ ଆରୋପ କରିଥିଲେ ।

ସେ କହିଛନ୍ତି, ଏହାଦ୍ୱାରା ୨୦୩୫ ମସିହା ସୁଦ୍ଧା ବାର୍ଷିକ ୩୦୦ କୋଟିରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ବିମାନସେବା ଯୋଗାଇ ଦିଆଯାଇପାରିବ । ଏହାଛଡ଼ା ଆସନ୍ତା ବର୍ଷ ସୁଦ୍ଧା ବେସାମରିକ ବିମାନ ଚଳାଚଳ କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ଭାଗିଦାରି ୨୫ ପ୍ରତିଶତକୁ ବୃଦ୍ଧି କରିବା ଲାଗି ଭାରତ ଲକ୍ଷ୍ୟ ରଖିଛି ବୋଲି ଶ୍ରୀ ନାଇଡୁ କହିଛନ୍ତି । ଆନ୍ତର୍ଜାତିକ ବିମାନ ଚଳାଚଳ

ସଙ୍ଗଠନ ସହଯୋଗରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ସମ୍ମିଳନୀ ଏହି କ୍ଷେତ୍ରରେ ସ୍ଥିରତା ଓ ସୁରକ୍ଷାକୁ ସୁନିଶ୍ଚିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ଜାମ୍ମୁ-କାଶ୍ମୀର ଇଲେକ୍ସନ

ଜାମ୍ମୁକାଶ୍ମୀର ବିଧାନସଭା ନିର୍ବାଚନର ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ ନିମନ୍ତେ ଆଜି ପ୍ରାର୍ଥୀପତ୍ର ଦାଖଲର ଶେଷଦିବସ । ଏହି ପର୍ଯ୍ୟାୟରେ ଅକ୍ଟୋବର ୧ରେ ୪୦ଟି ବିଧାନସଭା ଆସନ ନିମନ୍ତେ ମତଦାନ ହେବ । ଆସନ୍ତାକାଲି ପ୍ରାର୍ଥୀପତ୍ର ଯାଞ୍ଚ ଓ ସେପ୍ଟେମ୍ବର ୧୭ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର ଲାଗି ଶେଷଦିବସ ଧାର୍ଯ୍ୟ କରାଯାଇଛି । ଜାମ୍ମୁ କାଶ୍ମୀରରେ ପ୍ରଥମପର୍ଯ୍ୟାୟ ମତଦାନ ଚଳିତମାସ ୧୮ ଏବଂ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ୨୫ ତାରିଖରେ ହେବ ।

## ପିଏମ୍‌ଜିଏସ୍‌ୱାଇ-୪ କ୍ୟାବିନେଟ୍

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ଚତୁର୍ଥ ପର୍ଯ୍ୟାୟକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛି । ଗତକାଲି ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରୁ ଏହି ଯୋଜନା ପାଇଁ ୭୦ହଜାର ୧୨୫ କୋଟି

ଟଙ୍କା ବ୍ୟୟ ହେବ ବୋଲି ଜଣାପଡିଛି । ଯୋଜନାର ଚତୁର୍ଥ ପର୍ଯ୍ୟାୟ ଚଳିତ ଆର୍ଥିକ ବର୍ଷଠାରୁ ୨୦୨୮-୨୯ ଆର୍ଥିକ ବର୍ଷ ଯାଏଁ ବଳବତ୍ତର ରହିବ । ବୈଠକ ପରେ ଗଣମାଧ୍ୟମକୁ ସମ୍ବୋଧିତ କରି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ଚତୁର୍ଥ ପର୍ଯ୍ୟାୟରେ ୨୫ହଜାର ରାସ୍ତା ସଂଯୋଗୀକରଣ ନଥିବା ଗ୍ରାମକୁ ରାସ୍ତା ନିର୍ମାଣ କରାଯିବ । ଏହା ପ୍ରାୟ ୬୨ହଜାର ୫୦୦ କିଲୋମିଟର ହେବ ବୋଲି ମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି ଏହି ଯୋଜନାରେ ୪୦ କୋଟିରୁ ଅଧିକ କାର୍ଯ୍ୟଦିବସ ସୃଷ୍ଟି ହେବ । ଏ ସମ୍ପର୍କରେ ଅଧିକ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି ଗ୍ରାମାଞ୍ଚଳର ଦୁର୍ଗମ ଅଞ୍ଚଳକୁ ଦେଶର ସାମାଜିକ ଅର୍ଥନୈତିକ ବିକାଶରେ ଅନ୍ତର୍ଭୁକ୍ତ କରିବା ଦିଗରେ ନିର୍ମାଣ ହେବାକୁ ଥିବା ସବୁଦିନିଆ ରାସ୍ତା ପ୍ରମୁଖ ଭୂମିକା ଗ୍ରହଣ କରିବ । ଏହାଦ୍ୱାରା ଶିକ୍ଷା, ସ୍ୱାସ୍ଥ୍ୟ, ବ୍ୟବସାୟ ଏବଂ ଅନ୍ୟାନ୍ୟ କ୍ଷେତ୍ରଗୁଡ଼ିକ ସହଜରେ ବିକାଶ ପର୍ଯ୍ୟାୟଭୁକ୍ତ ହେବା ସହ ସ୍ଥାନୀୟ ଲୋକଙ୍କ ଉନ୍ନତି ନିମନ୍ତେ ଫଳପ୍ରଦ ହେବ । ପିଏମ୍ ଗତିଶକ୍ତି ପୋର୍ଟାଲ ମାଧ୍ୟମରେ  ରାସ୍ତା ନିର୍ମାଣର ଯୋଜନା କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

## ଜେକେ କୁପୱାଡା

ଜାମ୍ମୁ-କାଶ୍ମୀରରେ ସୁରକ୍ଷା ବଳ ଉତ୍ତର କାଶ୍ମୀରର କୁପୁୱାଡା ଜିଲ୍ଲାରେ ତଲାସୀ ଅଭିଯାନ ସମୟରେ ବହୁ ପରିମାଣର ଗୁଳିଗୋଳା ଏବଂ ବିସ୍ଫୋଟକ ସାମଗ୍ରୀ ଜବତ କରିଛି । ବିଶେଷ ସୂତ୍ରରୁ ସୂଚନା ପାଇବା ପରେ କୁପୁୱାଡାର କେରନ ସେକ୍ଟରରେ ସେନା ଏବଂ ଜାମ୍ମୁକାଶ୍ମୀର ପୋଲିସ ମିଳିତ ଅଭିଯାନ ଆରମ୍ଭ କରିଥିଲା । ଅଭିଯାନ ସମୟରେ ଗୁଳିଗୋଳା ରହିଥିବା ଏକ ସ୍ଥାନରୁ ଏକେ-୪୭ ବନ୍ଧୁକ, ହାତ ଗ୍ରେନେଡ, ଆର୍.ପି.ଜି ରାଉଣ୍ଡ ଏବଂ ଆଇ.ଇ.ଡି ଉଦ୍ଧାର କରାଯାଇଛି ।

ଶ୍ରୀନଗରର ଜଣେ ସୁରକ୍ଷା ଅଧିକାରୀ କହିଛନ୍ତି, ଏତେ ପରିମାଣର ଗୁଳିଗୋଳା ଜବତ ହେବା ଫଳରେ ଆଗାମୀ ଦିନରେ ଏକ ବଡ ଘଟଣାକୁ ଏଡାଇ ଦିଆଯାଇ ପାରିଛି । ଘଟଣା ସମ୍ପର୍କରେ ଜଣେ ନିର୍ବାଚନ ପର୍ଯ୍ୟବେକ୍ଷକ ସୂଚନା ଦେଇଥିଲେ ବୋଲି ସୁରକ୍ଷା ଅଧିକାରୀ କହିଛନ୍ତି ।

## ତରଙ୍ଗ ଶକ୍ତି

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଆଜି ଯୋଧପୁରଠାରେ ଆୟୋଜିତ ସର୍ବବୃହତ୍ ଆନ୍ତର୍ଜାତିକ ଯୁଦ୍ଧାଭ୍ୟାସ 'ତରଙ୍ଗ ଶକ୍ତି-୨୪'ରେ ହେଲିକପ୍ଟର ପ୍ରଚଣ୍ଡ, ସାରଙ୍ଗ, ସୂର୍ଯ୍ୟକିରଣ ଏବଂ ଯୁଦ୍ଧବିମାନ ତେଜସ୍‌ର ପ୍ରଦର୍ଶନ ନିରୀକ୍ଷଣ କରିଛନ୍ତି । ଶ୍ରୀ ସିଂହ କହିଛନ୍ତି ଏହି ଅଭ୍ୟାସର ଉଦ୍ଦେଶ୍ୟ ହେଉଛି ଦେଶର ସୈନ୍ୟ କ୍ଷମତାର ପ୍ରଦର୍ଶନ କରିବା ଏବଂ ବନ୍ଧୁ ରାଷ୍ଟ୍ରମାନଙ୍କ ମଧ୍ୟରେ ସହଯୋଗ ସୁଦୃଢ଼ କରିବା । ସେ କହିଛନ୍ତି ଏହି ପ୍ରଦର୍ଶନୀ

ମାଧ୍ୟମରେ ଭାରତର ମିତ୍ରଦେଶ ଗୁଡ଼ିକ ମଧ୍ୟରେ ଆପୋଷ ସହଯୋଗ ଓ ବିଶ୍ୱାସ ବୃଦ୍ଧି ପାଇବ ।

ଦେଶରେ ବୃଦ୍ଧିପାଉଥିବା ସୈନ୍ୟଶକ୍ତିକୁ ପ୍ରଶଂସା କରି ପ୍ରତିରକ୍ଷାମନ୍ତ୍ରୀ କହିଛନ୍ତି ଭାରତ ପ୍ରଥମେ ପ୍ରତିରକ୍ଷା ଉପକରଣ ଆମଦାନୀ କରୁଥିଲା; କିନ୍ତୁ ଏବେ ୯୦ଟି ଦେଶକୁ ପ୍ରତିରକ୍ଷା ଉପକରଣ ରପ୍ତାନୀ କରୁଛି । ସେ କହିଛନ୍ତି ଦେଶ ଏବେ ଆବଶ୍ୟକତା ଅନୁଯାୟୀ ପ୍ରତିରକ୍ଷା ଉପକରଣ ନିର୍ମାଣ କରିବା ସହ ମିତ୍ରଦେଶଗୁଡ଼ିକ ସହ ମିଳିତ ଭାବେ ଉତ୍ପାଦନ ଲାଗି ସହଯୋଗ କରୁଛି । ତରଙ୍ଗଶକ୍ତି ଅଭ୍ୟାସ କାର୍ଯ୍ୟକ୍ରମରେ ବିଭିନ୍ନ ଦେଶର ଯୁଦ୍ଧବିମାନ ଭାଗ ନେଉଛନ୍ତି ।

ଭାରତୀୟ ପ୍ରତିରକ୍ଷା ବିମାନ ସେବା ପ୍ରଦର୍ଶନୀରେ IDAX-24କୁ ପ୍ରତିରକ୍ଷା ମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି । ଏହି ପ୍ରଦର୍ଶନୀ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ହରିୟାଣା-ଆପ୍

ଆମ୍ ଆଦ୍‌ମୀ ପାର୍ଟି ହରିୟାଣା ବିଧାନସଭା ନିର୍ବାଚନ ନିମନ୍ତେ ଷଷ୍ଠ ପର୍ଯ୍ୟାୟ ପ୍ରାର୍ଥୀତାଲିକା ଘୋଷଣା କରିଛି । ଏହି ତାଲିକାରେ ୧୯ଜଣ ପ୍ରାର୍ଥୀ ଅଛନ୍ତି । ଦଳପକ୍ଷରୁ ପଞ୍ଚକୁଲା ଆସନ ପାଇଁ ପ୍ରେମ୍ ଗର୍ଗଙ୍କୁ ପ୍ରାର୍ଥୀ କରିଥିବାବେଳେ ଫତେହାବାଦ ଆସନ ପାଇଁ କମଲ ବିସ୍‌ଲାଙ୍କୁ ପ୍ରାର୍ଥୀ

କରିଛି । କେତନ ଶର୍ମାଙ୍କୁ ଅମ୍ବାଲା ସିଟି ଏବଂ ଧନରାଜ କୁଣ୍ଡୁଙ୍କୁ ଦାଦରି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି ।

## ଜୟଶଙ୍କର - ସ୍ୱିଜରଲ୍ୟାଣ୍ଡ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜିଠାରୁ ଦୁଇଦିନିଆ ସ୍ୱିଜରଲ୍ୟାଣ୍ଡ ଗସ୍ତରେ ଯିବେ । ତାଙ୍କର ସାଉଦି ଆରବ, ଜର୍ମାନୀ ଏବଂ ସ୍ୱିଜରଲ୍ୟାଣ୍ଡ ତ୍ରିଦେଶୀୟ ଗସ୍ତର ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟରେ ସେ ଏହି ଗସ୍ତ କରିବେ । ଏହି ଅବସରରେ ଡକ୍ଟର ଜୟଶଙ୍କର ଜେନେଭାଠାରେ ଭାରତ ସକ୍ରିୟଭାବେ ଭାଗିଦାରୀଭାବେ କାର୍ଯ୍ୟ କରୁଥିବା ଆନ୍ତର୍ଜାତିକ ସଙ୍ଗଠନଗୁଡ଼ିକର ମୁଖ୍ୟ ତଥା ପ୍ରତିନିଧିମାନଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବେ । ଜେନେଭାଠାରେ ମିଳିତ ଜାତିସଂଘ ଏବଂ ଅନ୍ୟ କେତେକ ଆନ୍ତର୍ଜାତିକ ସଙ୍ଗଠନର ମୁଖ୍ୟାଳୟ ରହିଛି । ଏହି ଗସ୍ତ ଅବସରରେ ଡକ୍ଟର ଜୟଶଙ୍କର ତାଙ୍କର ସ୍ୱିଜରଲ୍ୟାଣ୍ଡ ପ୍ରତିପକ୍ଷଙ୍କ ସହିତ ଦୁଇ ଦେଶ ମଧ୍ୟରେ ଥିବା ନିବିଡ଼ ଭାଗିଦାରିର ସମୀକ୍ଷା କରିବେ । ଏତଦ୍‌ବ୍ୟତୀତ ଦ୍ୱିପକ୍ଷୀୟ ସମ୍ପର୍କକୁ ଅଧିକ ସଶକ୍ତ କରିବା ଲାଗି ଉଭୟ ପକ୍ଷ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

# ବାଂଲାଦେଶ ରିକଭରି

ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାର ସମ୍ବିଧାନ ସମେତ ୬ଟି ପ୍ରମୁଖ କ୍ଷେତ୍ରରେ ସୁଧାର ଲାଗି ୬ଟି ଆୟୋଗ ଗଠନ କରିବା ନିମନ୍ତେ ଘୋଷଣା କରିଛନ୍ତି । ମଧ୍ୟବର୍ତ୍ତୀକାଳୀନ ସରକାରର ମୁଖ୍ୟ ପରାମର୍ଶଦାତା ପ୍ରଫେସର ମହମ୍ମଦ ୟୁନୁସ ଗତ ସଂଧ୍ୟାରେ ରାଷ୍ଟ୍ରକୁ ସମ୍ବୋଧିତ କରି କହିଛନ୍ତି ସମ୍ବିଧାନ, ନିର୍ବାଚନ ପ୍ରଣାଳୀ, ନ୍ୟାୟପାଳିକା, ପୋଲିସ, ଭ୍ରଷ୍ଟାଚାର ବିରୋଧୀ ଏବଂ ଲୋକ ପ୍ରଶାସନ କ୍ଷେତ୍ରରେ ସୁଧାର ଆଣିବା ନିମନ୍ତେ ୬ଟି ଆୟୋଗ ଗଠନ କରାଯାଇଛି । ଶ୍ରୀ ୟୁନୁସ କହିଛନ୍ତି ଏହି ୬ଟି ଆୟୋଗର ମୁଖ୍ୟ ଭାବେ ୬ଜଣ ପ୍ରସିଦ୍ଧ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯାଇଛି । ଆୟୋଗ ଗୁଡ଼ିକର ଅନ୍ୟ ସଦସ୍ୟମାନଙ୍କୁ ଆଲୋଚନା ପରେ ନିଯୁକ୍ତି ଦିଆଯିବ । ସେ କହିଛନ୍ତି ଆୟୋଗ ଗୁଡ଼ିକ ଅକ୍ଟୋବର ପ୍ରଥମରୁ କାର୍ଯ୍ୟ ଆରମ୍ଭ କରିବେ ଏବଂ ତିନିମାସ ମଧ୍ୟରେ ରିପୋର୍ଟ ପ୍ରଦାନ କରିବେ । ସେ କହିଛନ୍ତି ଆୟୋଗଗୁଡ଼ିକ ଦ୍ୱାରା ପ୍ରସ୍ତୁତ ରିପୋର୍ଟ ଉପରେ ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ସହ ବିଚାର ବିମର୍ଷ ପରେ ପଦକ୍ଷେପ ଗ୍ରହଣ କରାଯିବ ।

## ଆଇଏମ୍‌ଡି

ଦେଶର ଅଧିକାଂଶ ଭାଗରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ପୂର୍ବଭାରତ, ପଶ୍ଚିମାଞ୍ଚଳ, ଉତ୍ତରପୂର୍ବ ଏବଂ କେନ୍ଦ୍ରୀୟ ଭାରତର ଅଧିକାଂଶ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି କୁହାଯାଇଛି । ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ ଉତ୍ତରପ୍ରଦେଶରେ ଆଜି ପ୍ରବଳ ବର୍ଷା ହେବ । ଆସନ୍ତାକାଲି ବିହାର, ଓଡ଼ିଶା, ଝାଡ଼ଖଣ୍ଡ, ନାଗାଲାଣ୍ଡ, ମଣିପୁର, ମିଜୋରାମ ଏବଂ ତ୍ରିପୁରାରେ ପ୍ରବଳ ବର୍ଷା ହେବାନେଇ ପୂର୍ବାନୁମାନ କରାଯାଇଥିବାବେଳେ କେନ୍ଦ୍ରୀୟ ଭାରତ କୋଙ୍କଣ, ଗୋଆ ଏବଂ ଗୁଜୁରାଟରେ ଚଳିତ ସପ୍ତାହରେ ମଧ୍ୟମରୁ ପ୍ରବଳ ବର୍ଷା ହେବା ପୂର୍ବାନୁମାନ କରାଯାଇଛି । ଆଜି ସକାଳେ ଦିଲ୍ଲୀରେ ପ୍ରବଳ ବର୍ଷା ଯୋଗୁଁ ଗମନାଗମନ ବ୍ୟବସ୍ଥା କିଛିସମୟ ପାଇଁ ବାଧାପ୍ରାପ୍ତ ହୋଇଥିବା ଜଣାପଡିଛି ।

## ମହିଳା କ୍ରିକେଟ୍‌– ୟୁ୧୯

ମହିଳା କ୍ରିକେଟ୍‌କୁ ଲୋକପ୍ରିୟ କରାଇବା ନିମନ୍ତେ ଏସିଆଇ କ୍ରିକେଟ୍ ପରିଷଦ-ଏସିସି ୧୯ ବର୍ଷରୁ କମ୍ ମହିଳା ଟି-୨୦ ଏସିଆ କପ୍ ପ୍ରତିଯୋଗିତା ଶୁଭାରମ୍ଭ ନିମନ୍ତେ ଘୋଷଣା କରିଛି । ମାଲେସିଆର

କ୍ୱାଲାଲାମ୍ପୁରଠାରେ ଏସିସି କାର୍ଯ୍ୟକାରୀ କମିଟି ଏହି ନିଷ୍ପତ୍ତି ଗ୍ରହଣ କରିଛି । ସୂଚନା ଅନୁଯାୟୀ ପ୍ରତି ଦୁଇବର୍ଷରେ ଥରେ ୧୯ ବର୍ଷରୁ କମ୍ ମହିଳା ଏସିଆ କପ୍ ଆୟୋଜିତ ହେବ । ଏହି ପ୍ରତିଯୋଗିତା ଫଳରେ ମହିଳା କ୍ରିକେଟରମାନେ ଆନ୍ତର୍ଜାତୀୟ ସ୍ତରରେ କ୍ରିକେଟ୍ ଖେଳିବା ପାଇଁ ସୁଯୋଗ ପାଇପାରିବେ ବୋଲି କମିଟି କହିଛି ।

## ଚେସ୍-ଅଲମ୍ପିଆଡ

ହଙ୍ଗେରୀର ବୁଦାପେଷ୍ଟରେ ଚାଲିଥିବା ୪୫ତମ ଫିଡେ ଚେସ୍ ଅଲିମ୍ପିଆଡ ପ୍ରତିଯୋଗିତାର ପ୍ରଥମ ଦିନରେ ଭାରତ ପ୍ରଭାବ ବିସ୍ତାର କରିଛି । ପ୍ରଥମ ପର୍ଯ୍ୟାୟରେ ଭାରତ ମରକ୍କୋକୁ ୪-୦ରେ ପରାସ୍ତ କରିଛି । ମହିଳା ବର୍ଗରେ ଭାରତ ଜାମାଇକାକୁ ୩ ଦଶମିକ ୫ ଓ ୦ ଦଶମିକ ୫ରେ ପରାସ୍ତ କରିଛି ।

ଆର୍. ପ୍ରଜ୍ଞାନାନନ୍ଦ ମରକ୍କୋର ତିସିର ମହମ୍ମଦଙ୍କୁ ପରାସ୍ତ କରି ଗୋଟିଏ ପର୍ଯ୍ୟାୟକୁ ଉନ୍ନିତ ହୋଇଛି । ସେହିପରି ବିଦିତ ଗୁଜୁରାଟି ଓଆଖିର୍' ମେହଦୀ ପିୟରେ ଏବଂ ପେଣ୍ଟାଲା ହରିକୃଷ୍ଣା' ମୋୟାଦ ଅନସଙ୍କୁ ପରାସ୍ତ କରି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ବିଶ୍ୱର ୪ ନମ୍ବର ଖେଳାଳି ଅର୍ଜୁନ ଏରିଗେସି' ଏବ୍ଲିଲିଆ ଜେକ୍ସଙ୍କୁ ପରାସ୍ତ କରି ଭାରତକୁ ୪-୦ରେ ଜିତାଇଛନ୍ତି ।

ମହିଳା ବର୍ଗରେ ଜାମାଇକାର ଖେଳାଳି ଅଦାନି କ୍ଲର୍କଙ୍କୁ ଭାରତୀୟ ଖେଳାଳି ବୈଶାଳୀ ପରାସ୍ତ କରି ଶୀର୍ଷସ୍ଥାନ ହାସଲ କରିଥିବାବେଳେ

ତାନିଆ ସଚଦେବ' ଗେବ୍ରିୟାଲା ଓ୍ୱାଟସନଙ୍କୁ ଏବଂ ଦିବ୍ୟା ଦେଶମୁଖ' ରାଚେଲ ମିଲୋରଙ୍କୁ ପରାସ୍ତ କରିଛନ୍ତି ।

ହଙ୍ଗେରୀର ବୁଦାପେଷ୍ଟରେ ଚାଲିଥିବା ଏହି ୧୨ଦିନିଆ ପ୍ରତିଯୋଗିତାରେ ୧ହଜାର ୮୦୦ରୁ ଅଧିକ ପ୍ରତିଯୋଗୀ ଭାଗ ନେଇଛନ୍ତି । ଯେଉଁଥିରେ ୧୯୩ଟି ଦଳ ଓପନ ପର୍ଯ୍ୟାୟରେ ଏବଂ ୧୮୧ଟି ଦଳ ମହିଳା ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଏହି ପ୍ରତିଯୋଗିତାର ପୂର୍ବ ସଂସ୍କରଣରେ ଭାରତ ଉଭୟ ବର୍ଗରେ ବ୍ରୋଞ୍ଜ ପଦକ ଜିତିଥିଲା ।